# ଇମ୍ଫା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଚୌଦ୍ୱାର-ଗୁରୁଡ଼ିଝାଟିଆ,୧୫।୨(ଆପ୍ର): ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଓ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲ୍ଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଏକ ମାଗଣା ଓ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ମହିଷାଲଣ୍ଡା ପଞ୍ଚାୟତର ମହିଷାଲଣ୍ଡା ପ୍ରକଳ୍ପ ପ୍ରାଥମିକ



ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ଇମ୍ଫାର ମାନବ ସମ୍ବଳ ଅଧିକାରୀ ସାରଦା ପ୍ରସାଦ ରାଓ ଏବଂ ସରପଞ୍ଚଙ୍କ ପ୍ରତିନିଧି କୁଳମଣି ଦେହୁରୀ ଉଦ୍‌ଘାଟନ କରିଥିବା ବେଳେ ସ୍କୁଲ୍‌ର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସରପଞ୍ଚ ମମତା ଦେହୁରୀ, ଆଦିବାସୀ ସଂଗଠନର ଅଧ୍ୟକ୍ଷ ସଞ୍ଜୟ ରାଉତ, ଆଦିବାସୀ ନେତା କୁଳମଣି ଦେହୁରୀ, ଦୁର୍ଯ୍ୟୋଧନ ରାଉତ, କାଳନ୍ଦୀ ସେଠୀ ଓ ଇମ୍ଫାର ବରିଷ୍ଠ ଅଧିକାରୀ ଦୀପକ ପୃଷ୍ଟି, ଲଲାଟ କେଶରୀ ମହାପାତ୍ର, ଅଜୟ ସାହୁ, ଉମେଶ ଚନ୍ଦ୍ର ପଟ୍ଟନାୟକ, ସମରେନ୍ଦ୍ର ବେହୁରା ଆଦି ଉପସ୍ଥିତ ଥିଲେ। ଅଭିଜ୍ଞ ୭ ଜଣ ଡାକ୍ତର ଡା. ଗୌତମ ତ୍ରିପାଠୀ(ଶିଶୁରୋଗ ବିଶେଷଜ୍ଞ), ଡା. ବି.ଏନ୍.ପଣ୍ଡା(ଭେଷଜ), ଡା. ହେମନ୍ତ ଦାମିଦି(ଅସ୍ଥି ଓ ଶଲ୍ୟ), ଡା. ଜିମି ରାଉତ(ସ୍ତ୍ରୀ ଓ ପ୍ରସୂତୀ), ଡା. ରମଣ ଜମା(ସ୍ତ୍ରୀ ଓ ପ୍ରସୂତୀ) ଏବଂ ଡା. ତ୍ରିବିକ୍ରମ ପଟ୍ଟନାୟକ(ଭେଷଜ)ଙ୍କ ଦ୍ୱାରା ୪୫୧ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ୪ ଜଣ ଫାର୍ମାସିଷ୍ଟଙ୍କ ଦ୍ୱାରା ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଅଭିଜ୍ଞ ୧୦ ଜଣ ଇମ୍ଫାର ସ୍ୱେଚ୍ଛାସେବୀଙ୍କ ସହ ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ, ସୁଭେନ୍ଦୁ ପାତ୍ର, ଜ୍ଞାନରଞ୍ଜନ ବେହେରା, ଚନ୍ଦ୍ରଶେଖର ମହାପାତ୍ର ଓ ସୁଭଶ୍ରୀ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସୁଚାରୁରୂପେ ନିର୍ବାହ କରିଥିଲେ। ଇମ୍ଫାର ବରିଷ୍ଠ ଲୋକ ସଂପର୍କ ପ୍ରଶାସକ ଧ୍ରୁବଚରଣ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

Samaja

# ଇମ୍ଫା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଚୌଦ୍ୱାର, ୧୬।୨ (ସ.ପ୍ର.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଲଣ୍ଡା ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ଓ ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଇମ୍ଫାର ମାନବ ସମ୍ବଳ ଅଧିକାରୀ ଶାରଦା ପ୍ରସାଦ ରାଓ, ଆଦିବାସୀ ନେତା କୁଳମଣି ଦେହୁରୀ,



ସରପଞ୍ଚ ମମତା ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଜୟ ରାଉତ, ଦୁର୍ଯ୍ୟୋଧନ ରାଉତ, କାଳନ୍ଦି ରାଉତ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିଶୁରୋଗ ବିଭାଗ ଡାକ୍ତର ଗୌତମ ତ୍ରିପାଠୀ, ଭେଷଜ ବିଭାଗ ଡାକ୍ତର ବି.ଏନ.ପଣ୍ଡା, ତ୍ରିବିକ୍ରମ ପଟ୍ଟନାୟକ, ଅସ୍ଥିଶଲ୍ୟ ବିଭାଗ ଡାକ୍ତର ହେମନ୍ତ ଦାମିଦି, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଜିମି ରାଉତ, ରମଣ ଜମା ପ୍ରମୁଖ ୪୫୧ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ଇମ୍ଫାର ମାନସ ପ୍ରଧାନ, ଆଶିଷ ଦାଶ, ଶୁଭେନ୍ଦୁ ପାତ୍ର, ଜ୍ଞାନ ରଞ୍ଜନ ବେହେରା, ଚନ୍ଦ୍ର ଶେଖର ମହାପାତ୍ର, ଶୁଭଶ୍ରୀ ନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Samaja

# ଇମ୍ଫା-ଚୌଦ୍ୱାର ଦ୍ୱାରା ମାଗଣା ବହୁମୁଖୀ ସ୍ୱାସ୍ଥ୍ୟ ଶିବିର

କଟକ(ସ.ବ୍ୟୁ): ଇମ୍ଫା ଶିଳ୍ପଗୋଷ୍ଠିର ସାମାଜିକ ଓ ଦାୟୀତ୍ୱବୋଧ ଶାଖା ବଂଶୀଧର ଓ ଇଲ୍ଲାପଣ୍ଡା ଫାଉଣ୍ଡେସନ ପକ୍ଷରୁ ଏକ ମାଗଣା ଓ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର, ମହିଷାଲଣ୍ଡା ଗ୍ରାମ ପଞ୍ଚାୟତର ମହିଷାଲଣ୍ଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସ୍ୱାସ୍ଥ୍ୟ ଶିବିରକୁ ଇମ୍ଫାର ମାନବ ସମ୍ବଳ ଅଧିକାରୀ ଶାରଦା ପ୍ରସାଦ ରାଓ ଓ ସରପଞ୍ଚ ପ୍ରତିନିଧି କୁଳମଣି ଦେହୁରୀ ଉଦଘାଟନ କରିଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ ଶିକ୍ଷକ ଓ ଶିକ୍ଷୟତ୍ରୀ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ସରପଞ୍ଚ ଶ୍ରୀମତୀ ମମତା ଦେହୁରୀ, ଆଦିବାସୀ ସଂଗଠନର ଚେୟାରମ୍ୟାନ ସଞ୍ଜୟ କୁମାର ରାଉତ, ଆଦିବାସୀ ନେତା କୁଳମଣୀ ଦେହୁରୀ, ଦୁର୍ଯ୍ୟୋଧନ ରାଉତ, କାଳନ୍ଦୀ ସେଠୀ ଓ ଇମ୍ଫାର ବରିଷ୍ଠ ଅଧିକାରୀ ଦିପକ ପୃଷ୍ଟି, ଲଲାଟ କେଶରୀ ମହାପାତ୍ର, ଅଜୟ ସାହୁ, ଉମେଶ ଚନ୍ଦ୍ର ପଟ୍ଟନାୟକ, ସମରେନ୍ଦ୍ର ଦେହୁରୀ ଆଦି ଉପସ୍ଥିତ ଥିଲେ । ଅଭିଜ୍ଞ ୬ଜଣ ଡାକ୍ତର ଗୌତମ ତ୍ରିପାଠୀ (ଶିଶୁରୋଗ ବିଶେଷଜ୍ଞ), ଡା. ବି.ଏନ.ପଣ୍ଡା (ଭେଷଜ), ଡା. ହେମନ୍ତ ଦାମିଦ (ଅସ୍ଥୀ ଓ ଶଲ୍ୟ), ଡା. ଜିମି ରାଉତ (ସ୍ତ୍ରୀ ପ୍ରସୂତୀ), ଡା. ରମଣ ଜମା (ସ୍ତ୍ରୀ ଓ ପ୍ରସୂତୀ) ଓ ଡା.ତ୍ରିବିକ୍ରମ ପଟ୍ଟନାୟକ (ଭେଷଜ)ଙ୍କ ଦ୍ୱାରା ୪୫୧ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ୪ଜଣ ଫାରମାଷିଷ୍ଟଙ୍କ ଦ୍ୱାରା ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଅଭିଜ୍ଞ ୧୦ଜଣ ଇମ୍ଫାର ସ୍ୱେଚ୍ଛାସେବୀଙ୍କ ସହ ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ, ସୁଭେନ୍ଦୁ ମହାପାତ୍ର, ଜ୍ଞାନରଞ୍ଜନ ବେହେରା, ଚନ୍ଦ୍ରଶେଖର ମହାପାତ୍ର ଓ ଶ୍ରୀ ଶୁଭଶ୍ରୀ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ପ୍ରଶାସକ ଧ୍ରୁବଚରଣ ରାଉତ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।



କୃଷକମାନଙ୍କ ସ୍ୱାର୍ଥ ଅନ୍ୟାୟ ଭାବ ପୋଷଣ ଗ୍ରହଣ କରିଥିଲେ।

Nitedina

# ମାଗଣା ସ୍ୱାସ୍ଥ୍ୟସେବା ଶିବିର



ନିମାପଡ଼ା,୧୭।୨/ଏନ୍‌ଏନ୍‌ଏସ୍‌: ରବିବାର ନିମାପଡ଼ା କେନାଲ୍‌ ରାସ୍ତା ନର୍ସିଂହୋମ୍‌ଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଶିଶୁରୋଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ, କର୍ଣ୍ଣ, ନାସା, ଗଳା ରୋଗ ବିଶେଷଜ୍ଞ ଡା. ସନ୍ତୋଷ କୁମାର ପତି ଯୋଗଦେଇ ଶତାଧିକ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ । ନର୍ସିଂହୋମ୍‌ ତରଫରୁ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବିରଞ୍ଚି ନାରାୟଣ କୁଣ୍ଡୁଙ୍କ ସମେତ ନର୍ସିଂହୋମ୍‌ କର୍ମଚାରୀ ଉପସ୍ଥିତ ଥିଲେ ।

**ଚୌଦ୍ୱାର:** ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ଫାଉଣ୍ଡେସନ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆଦିବାସୀବହୁଳ ଅଞ୍ଚଳ ମହିଁଷାଳଣ୍ଡା ପଞ୍ଚାୟତର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଇମ୍ଫାର ବରିଷ୍ଠ ଅଧିକାରୀ ସାରଦା ପ୍ରସାଦ ରାଓ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ଅଭିଜ୍ଞ ଡାକ୍ତର ଶିଶୁରୋଗର ଗୌତମ ତ୍ରିପାଠୀ, ଭେଷଜର ବିଏନ ପଣ୍ଡା, ଅସ୍ଥିଶଲ୍ୟର ହେମନ୍ତ ଦମିଦି, ସ୍ତ୍ରୀ ଓ ପ୍ରସୂତିର ଜିମି ରାଉତ ଓ ରମଣି ଜମା ଓ ଭେଷଜର ବିକ୍ରମ ପଟ୍ଟନାୟକ ସେବା ଯୋଗାଇଥିଲେ । ଶିବିରରେ ୪୫୧ ଜଣ ରୋଗୀଙ୍କୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ମମତା ଦେହୁରୀଙ୍କ ସମେତ ଇମ୍ଫାର ବରିଷ୍ଠ ଅଧିକାରୀ ଦୀପକ ପୃଷ୍ଟି, ଲଲାଟକେଶରୀ ମହାପାତ୍ର, ଅଜୟ ସାହୁ, ରମେଶ ଚନ୍ଦ୍ର ପଟ୍ଟନାୟକ, ମାନସ ଚନ୍ଦ୍ର ପ୍ରଧାନ, ଆଶିଷ ଦାସ, ଶୁଭେନ୍ଦୁ ପାତ୍ର, ଜ୍ଞାନରଞ୍ଜନ ବେହେରା, ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ ଓ ଧ୍ରୁବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।